## ଯାଜପୁର ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ

# ୮, ୫୬୧ ମକଦ୍ଦମା ଫଇସଲା; ୭.୯୬ କୋଟି ଆଦାୟ

ଯାଜପୁର, ୯।୫(ସମିସ)

ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ପ୍ରକାରର ମୋଟ ୮, ୫୬୧ଟି ମକଦ୍ଦମା ଫଇସଲା ହୋଇଛି। ସେଥିମଧ୍ୟରୁ ୨୯୬ଟି ଫୌଜଦାରୀ, ୧୭ଟି ମୋଟର ଦୁର୍ଘଟଣା ଜନିତ ମାମଲା, ୩୧ଟି ଦେୱାନୀ, ୧୪ଟି ପାରିବାରିକ କଳହ ମକଦ୍ଦମା, ଟ୍ରାଫିକ ଚାଲାଣ ୧୫ଟି, ଖାଉଟି ସମ୍ବନ୍ଧୀୟ ୪ଟି ଏବଂ ରାଜସ୍ୱ ବିଭାଗର ୮୧୮୪ଟି ମାମଲା ଫଇସଲା କରାଯାଇ ମୋଟ ୭ କୋଟି ୮୭ ଲକ୍ଷ ୩୨୪୩ ଟଙ୍କା ଆଦାୟ କରାଯାଇଛି। ଏତଦବ୍ୟତୀତ ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ମୋଟ ୩୦ଟି, ବିଦ୍ୟୁତ ବିଭାଗର ୨୭ଟି, ସ୍ଥାୟୀ ଲୋକ ଅଦାଲତର ୩ଟି ଏବଂ ଟେଲିଫୋନ ୩ଟି ସମ୍ବନ୍ଧୀୟ ପ୍ରାକ୍ ବିଚାରଧୀନ ମାମଲା ଫଇସଲା କରାଯାଇ ମୋଟ ୮ ଲକ୍ଷ ୮୪ ହଜାର ୧୫୨ ଟଙ୍କା ମଧ୍ୟ ଆଦାୟ କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଓ ଦୌରା ଜଜ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ନେହା ଅଗ୍ରୱାଲ ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଅଦାଲତରେ ଯାଜପୁର ଜିଲ୍ଲାର ପରିବାର ଅଦାଲତର ବିଚାରପତି ଡ. ପ୍ରସନ୍ନ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଜଜ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସର୍ବେଶ୍ୱର ଦାସ, ରେଜିଷ୍ଟ୍ରାର ପଲ୍ଲବୀରାଣୀ ସାହୁ, ବରିଷ୍ଠ ଦେୱାନୀ ବିଚାର ପତି ନୀଳିମା ପଣ୍ଡା, ବରିଷ୍ଠ ଦେୱାନୀ ବିଚାର ପତି (ଏଲ୍‌ଆର ଏବଂ ଏଲ୍‌ଟିଭି) ଲୋପାମୁଦ୍ରା ବେହେରା, ଏସ୍‌ଡିଜେଏମ୍ ସୁମିତ୍ରା ବିଶ୍ୱାଳ, ଦେୱାନୀ ବିଚାରପତି ସୁନିତା ବିଶ୍ୱାଳ, ଜେଏମ୍‌ଏଫ୍‌ସି (ଏଲ୍‌ଆର ଏବଂ ଏଲ୍‌ଟିଭି) ଅଂଶୁମାନ ରଥ, ଜେଏମ୍‌ଏଫ୍‌ସି ବୀଣାପାଣି ତାଣ୍ଡି ଅଂଶଗ୍ରହଣ କରି ବିଭିନ୍ନ ମକଦ୍ଦମା ଗୁଡ଼ିକୁ ଫଇସଲା କରିଥିଲେ। ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରାଜଜ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲ୍ଲା କାରାଗାର ଅନ୍ତେବାସୀମାନଙ୍କ ଦ୍ୱାରା ତିଆରି କରାଯାଇଥିବା ଫିନାଇଲ ଏବଂ ଜୈବିକ ଖତ ବିକ୍ରୟ କରାଯାଇଥିଲା।




## କରଦା ହରିହାଟ ପଡ଼ିଆରେ ପାଲା ଉତ୍ସବ

**ପାଣିକୋଇଲି, ୯।୫(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତ କରଦା ହରିହାଟ ପଡ଼ିଆ ଠାରେ କରଦା ଆଞ୍ଚଳିକ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ନ୍ୟାୟଦେବ ଗ୍ରହରାଜ ଶନିଶ୍ଚରଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଗାୟକ ଅଜୟ କୁମାର ଦୀକ୍ଷିତଙ୍କ ଦ୍ୱାରା ତିନି ଦିନ ବ୍ୟାପି ପାଲା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ନାରାୟଣ ନାୟକ, ସୁଶିଲ ବେହେରା, ଶ୍ୟାମସୁନ୍ଦର ସାହୁ, ଗଣେଶ ଦାସ, ଫକିର ବାରିକ, ବଲ୍ଲଭାନନ୍ଦ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ଭକ୍ତ ଓ ଦର୍ଶକଙ୍କ ନିମନ୍ତେ ତିନି ଦିନ ଧରି କାର୍ଯ୍ୟକ୍ରମରେ ବିଜୟ ସେନାପତି, ବିରଞ୍ଚି ସାହୁ, ବୃନ୍ଦାବନ ବେହେରା, ନିରଞ୍ଜନ ଖଣ୍ଡାଇ, ଚକ୍ରଧର ସାହୁ, ଶିବଚରଣ ମଳିକ, ଧବଳ ପଣ୍ଡା, ସଞ୍ଜୟ ବେହେରା, ସୁନିଲ ବେହେରା, ଅଭୟ ବେହେରା, ବଂଶୀଧର ସାହୁ, ମୁରଲି ମଳିକ, ନାରଣ ମଳିକ, ଟୁକୁ ମଳିକ ପ୍ରମୁଖ ସହଯୋଗ କରିଥିଲେ।

## ବିପଦପୂର୍ଣ୍ଣ ଅବସ୍ଥାରେ ରାସ୍ତା କଡ଼ ଥୁଣ୍ଟା ଗଛ



**ବିଞ୍ଝାରପୁର, ୯।୫(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଯାଜପୁର ମୁଖ୍ୟ ରାସ୍ତାର ଅରେଇ ସଙ୍କି ପୋଲ ନିକଟରେ ରାସ୍ତା କଡ଼ରେ ଥିବା ଏକ ଥୁଣ୍ଟା ଗଛ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ପ୍ରତିଦିନ ଏହି ରାସ୍ତା ଦେଇ ହଜାର ହଜାର ଯାନବାହନ ଚଳାଚଳ କରୁଥିବା ବେଳେ ଯେକୌଣସି ସମୟରେ ଗଛଟି ଭାଙ୍ଗି ପଡ଼ି ଦୁର୍ଘଟଣା ଘଟିପାରେ ବୋଲି ଆଶଙ୍କା କରାଯାଉଛି। ବିଶେଷକରି ବର୍ତ୍ତମାନ କାଳବୈଶାଖୀ ବର୍ଷା ଓ ପବନ ଯୋଗୁଁ ଗଛଟି ଅଧିକ ଦୁର୍ବଳ ହୋଇପଡ଼ିଥିବାରୁ ଏହା କେବେ ଭାଙ୍ଗିପଡ଼ିବ ତାହା କହିବା କଷ୍ଟକର ବୋଲି ସ୍ଥାନୀୟ ଲୋକମାନେ କହୁଛନ୍ତି। ଏହି ରାସ୍ତା ଦେଇ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଯାତାୟାତ କରୁଥିବା ସତ୍ତ୍ୱେ ଏହି ବିପଦପୂର୍ଣ୍ଣ ଗଛ ପ୍ରତି କାହାର ଦୃଷ୍ଟି ପଡୁନଥିବା ଅଭିଯୋଗ ହୋଇଛି। ଖୁବ ନିକଟରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଥିଲେ ମଧ୍ୟ ଏନେଇ କୌଣସି ପଦକ୍ଷେପ ନିଆଯାଇନଥିବାରୁ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପଟେ ବନ ବିଭାଗ ଅଧିକାରୀଙ୍କୁ ଏହି ସମସ୍ୟା ସମ୍ପର୍କରେ ଅବଗତ କରାଇବାକୁ ଚେଷ୍ଟା କରିଲେ ମଧ୍ୟ ସାକ୍ଷାତ ହେଉନଥିବା କିମ୍ବା ଫୋନ ଉଠାଯାଉନଥିବା ଅଭିଯୋଗ ମଧ୍ୟ ହୋଇଛି। ଯଦି ଗଛଟି ଭାଙ୍ଗି ପଡ଼ି କୌଣସି ଅଘଟଣ ଘଟେ, ତେବେ ତାହା ପାଇଁ କିଏ ଦାୟୀ ରହିବ ବୋଲି ସାଧାରଣ ଲୋକ ପ୍ରଶ୍ନ ଉଠାଇଛନ୍ତି। ତେଣୁ ତୁରନ୍ତ ଗଛଟିକୁ କାଟି ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କରିଛନ୍ତି ଅରେଇ ପଞ୍ଚାୟତର ଗ୍ରାମବାସୀ।

## ବୈଷପାନ ନିକଟରେ ମୁଖ୍ୟ ରାସ୍ତା ଅବରୋଧ



**ମଙ୍ଗଳପୁର, ୯।୫(ସମିସ):** ଲୋକଙ୍କ ଗମନା ଗମନ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରୁଥିବା ବେଳେ କିଛି ଲୋକ ରାସ୍ତାକୁ ଅବରୋଧ କରି ନିଜ ଅକ୍ତିଆରରେ ରଖୁଛନ୍ତି। ଫଳରେ ସାଧାରଣ ଲୋକଙ୍କ ଗମନା ଗମନରେ ବାଧା ପ୍ରାପ୍ତ ହେଉଛି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ ମଲ୍ଲିକାପୁର ପଞ୍ଚାୟତ ବୈଷପାନ ଠାରେ। କାଟିଆ ଠାରୁ ଦଉପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାଟି ବୈଷପାନ ଠାରେ ଜନୈକ ବ୍ୟକ୍ତି ରାସ୍ତାର ଅଧାରୁ ଅଧିକ ସ୍ଥାନରେ ବାଲି କୁଢ଼େଇ ଦୀର୍ଘଦିନ ହେବ ଅବରୋଧ କରି ରଖିଛନ୍ତି। ଫଳରେ ମୁଖ୍ୟ ରାସ୍ତା ଦେଇ ଯାଉଥିବା ଲାଇନ ବସ୍, ଟ୍ରକ୍ ଗୁଡିକ ଯିବା ଆସିବାରେ ବହୁ ଅସୁବିଧା ହେବା ସହିତ ରାସ୍ତା ସଂକୁଚିତ ହେବା ଫଳରେ ରାତିରେ ଯାଉଥିବା ବାଇକ ଚାଳକ ମାନେ ନଜାଣି ପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ଲୋକ ମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ମାନେ ଏଥିପ୍ରତି ଗୁରୁତ୍ୱ ଦେଉନଥିବାରୁ ସାଧାରଣ ଲୋକ ମାନେ ବିପଦର ସମ୍ମୁଖୀନ ହେଉଛନ୍ତି। ଦଶରଥପୁର ତହସିଲଦାର ଘଟଣାସ୍ଥଳ ପରିଦର୍ଶନ କରିବା ଶହ ଅବରୋଧ ଏହି ରହିଥିବା ରାସ୍ତାରୁ ଅବରୋଧ ହଟାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହୋଇଛି।

## ବଡ଼ଚଣା ଓଷ୍ଟାର ଯଶସ୍ୱୀ ସମ୍ମାନ ସମାରୋହ



**ବଡଚଣା, ୯।୫(ସମିସ):** ବଡ଼ଚଣା ବ୍ଲକ ଓଷ୍ଟା ଆନୁକୂଲ୍ୟରେ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ବଡଚଣା ବ୍ଲକରେ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ୬ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ଉଦ୍ଦେଶ୍ୟରେ ଯଶସ୍ୱୀ ସମ୍ମାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସଂଗଠନର ଉପଦେଷ୍ଟା ଦୟାନିଧୀ ସାମଲଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଡ. ଭାଗ୍ୟଧର ସାହୁ, ଡ. ସୁଧିର ଚନ୍ଦ୍ର ସାମଲ, ବ୍ରଜକିଶୋର ବିଶ୍ୱାଳ, ଦୀପ୍ତିମୟୀ ବାରିକ, ରଜନୀକାନ୍ତ ପୃଷ୍ଟି, ଶ୍ରଦ୍ଧାଞ୍ଜଳି ଦାସ, ସୁବାସ ଚନ୍ଦ୍ର ମହାପାତ୍ର, ଜୟନ୍ତ ପରିଡ଼ା, ନିର୍ମଳ ଚନ୍ଦ୍ର ଦଳାଇ, ବସନ୍ତ କୁମାର ପ୍ରଧାନ, ବସୁଦେବ ଜେନା ଉତ୍ତାମ କୁମାର ଜେନା ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ ଛାତ୍ରଛାତ୍ରୀ ହେଲେ ଜ୍ୟୋତ୍ସ୍ନାମୟୀ ସାହୁ (୫୪୯), ସିଦ୍ଧ ମହାପୁରୁଷ ଉଚ୍ଚ ବିଦ୍ୟାଳୟ ଭରତପୁର, ରୋସନୀ ଫିର୍ଦ୍ଦୋସ (୫୪୨) ଚାରିନଙ୍ଗଳ ହାଇସ୍କୁଲ, ତନୁଶ୍ରୀ ବଳ (୫୪୦), କସ୍ତୁରୀକା ରାଉତ (୫୪୦) ଗୋପାଳଜିଉ ବିଦ୍ୟାପୀଠ, ରାହୁଲ କୁମାର ସାହୁ (୫୪୦) ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଲିଚନ୍ଦ୍ରପୁର, ତନ୍ମୟୀ ସାହୁ ନେତାଜୀ ହାଇସ୍କୁଲ୍ କାଇମାଟିଆ। ସମାରୋହକୁ ସୁରେଶ୍ ଖିଲାର, ଲକ୍ଷ୍ମୀଧର ରାଉତ, ବନିତା ବିଶ୍ୱାଳ, ପବିତ୍ର ସାହୁ, ପ୍ରଫୁଲ୍ଲ ସ୍ୱାଇଁ ପରିଚାଳନା କରିଥିଲେ। ବ୍ଲକ ସମ୍ପାଦକ ସତ୍ୟବାଦୀ ପଣ୍ଡା ବିବରଣୀ ପାଠ କରିଥିବା ବେଳେ ସ୍ମୃତିରଞ୍ଜନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମଶାଳା ୬ ଜୋନ୍‌ରେ ପ୍ରଭାରୀ ନିଯୁକ୍ତି

**ଧର୍ମଶାଳା, ୯।୫(ସମିସ):** ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ୬ ଗୋଟି ଜୋନ ରହିଥିବା ବେଳେ ସମସ୍ତ ୬ ଗୋଟି ଜୋନ ପାଇଁ ବିଜେପିର ନୂତନ ପ୍ରଭାରୀମାନଙ୍କୁ ନିଯୁକ୍ତି କରାଯାଇଛି। ଜିଲ୍ଲା ବିଜେପି ସଭାପତି ଦେବଜାନୀ ପ୍ରଧାନଙ୍କ ଦ୍ୱାରା କବାଟବନ୍ଧ ମଣ୍ଡଳ ପାଇଁ ରାଜେଶ କୁମାର ପାଳ, ଜେନାପୁର ମଣ୍ଡଳ ପାଇଁ ଅଭିଷେକ ରାଉତ, ଆରୁହା ମଣ୍ଡଳ ପାଇଁ ତପନ କୁମାର ମାହୁନ୍ତ, ଜାରକା ମଣ୍ଡଳ ପାଇଁ ଗୌରାଙ୍ଗ ପୃଷ୍ଟି, କୋପୁର ମଣ୍ଡଳ ପାଇଁ ଆଲୋକ ଲେଙ୍କା ଓ ବାରବାଟି ମଣ୍ଡଳ ପାଇଁ ଜୟନ୍ତ ପ୍ରଧାନଙ୍କୁ ନିଯୁକ୍ତି ଦିଆଯାଇଛି। ପୂର୍ବରୁ ଏହି ସମସ୍ତ ମଣ୍ଡଳ ପାଇଁ ବିଜେପି ପକ୍ଷରୁ ସଭାପତି ନିଯୁକ୍ତି କରାଯାଇଛି। ବିଜେପିର ସମସ୍ତ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ ଓ କ୍ରିୟାଶିଳ କରିବା ଲକ୍ଷ ନେଇ ଜିଲ୍ଲା ସଭାପତି ଧର୍ମଶାଳା ନିର୍ବାଚନ ମଣ୍ଡଳୀର ସମସ୍ତ ଜୋନରେ ଜଣେ ଲେଖାଏଁ ପ୍ରଭାରୀଙ୍କୁ ନିଯୁକ୍ତି କରିଛନ୍ତି। ନୂତନ ଭାବେ ନିଯୁକ୍ତି ପାଇଥିବା ୬ ଜଣ ବିଜେପି ପ୍ରଭାରୀ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଦୃଢ଼ ସମର୍ଥକ ହୋଇଥିବା ଜଣାପଡ଼ିଛି।

## ଇଚ୍ଛାପୁର ଗ୍ରାମରେ ବିଭିନ୍ନ ସମସ୍ୟା ବୁଝିଲେ ବିଧାୟିକା



ମଙ୍ଗଳପୁର/କୟାଁଗୋଲା, ୯।୫(ସମିସ)

ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଇଚ୍ଛାପୁର ଗ୍ରାମରେ ନୂତନ କରି ପ୍ରତିଷ୍ଠା ହୋଇଥିବା ଜଗନ୍ନାଥ ମନ୍ଦିର ପରିସରରେ ଏକ ନୂତନ ଲକ୍ଷ୍ମୀ ମନ୍ଦିର ନିର୍ମାଣ ପାଇଁ ଆଜି ବିଞ୍ଝରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କୟାଁ ସରପଞ୍ଚ ମନ୍ଦାକିନୀ ମଲ୍ଲିକ, ସମିତିସଭ୍ୟ ରୋଶନ ଦାସ, କୟାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ବୈଦ୍ୟନାଥ ସାହାଣୀ, କୟାଁ ପଞ୍ଚାୟତ ବିଜେଡି ସଭାପତି ଚୌବନ ବାରିକ, ୭ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ନିନାରାଣୀ ସାମଲ, କମାରଡ଼ିହି ପାକ୍ସର ପୂର୍ବତନ ସଭାପତି ଭାଗୀରଥି ସାହୁ, ୬ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ଯୁବ ନେତା ବିରଜା ମଲ୍ଲିକ, ପଞ୍ଚାନନ ମଲ୍ଲିକ, ହିମାଂଶୁ ନାୟକ, ଉମାକାନ୍ତ ପାତ୍ରଙ୍କ ସମେତ ବହୁ କର୍ମୀ ଓ ନେତା ମାନେ ଉପସ୍ଥିତ ଥିଲେ। ପରେ ଗ୍ରାମରେ ଥିବା ବିଭିନ୍ନ ସମସ୍ୟା ଉପରେ ଗ୍ରାମବାସୀଙ୍କ ଶହ ଆଲୋଚନା କରିଥିବା ବେଳେ ଗ୍ରାମରେ ମୁଖ୍ୟତଃ ପାନୀୟ ଜଳ ସମସ୍ୟାକୁ ନେଇ ଗ୍ରାମର ମହିଳାମାନେ ବିଧାୟିକାଙ୍କ ନିକଟରେ ଅଭିଯୋଗ କରିଥିଲେ। ବର୍ତ୍ତମାନ ଲକ୍ଷ୍ମୀପୁର ଠାରୁ ବଳରାମପୁର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଥିବାରୁ ରାସ୍ତା ଠିକାଦାର ବେପରୁଆ ଭାବେ ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବାରୁ ଗ୍ରାମର ଅନେକ ସ୍ଥାନରେ ସ୍ୱଜଳ ଧାରା ଯୋଜନାରେ ପଡ଼ିଥିବା ପାଇପ୍ ଗୁଡିକ ନଷ୍ଟ ହୋଇଯାଇଥିବା ନେଇ ଗ୍ରାମବାସୀ ବିଧାୟିକାଙ୍କ ନିକଟରେ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ପରେ ବିଧାୟିକା ପାନୀୟ ଜଳ ବିଭାଗର ଅଧିକାରୀ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ମାନଙ୍କ ଶହ ଆଲୋଚନା କରିବା ଶହ କିପରି ଇଚ୍ଛାପୁର ଗ୍ରାମର ଲୋକ ମାନେ ପାନୀୟ ଜଳ ପାଇପାରିବେ ଓ ଫାଟିଯାଇଥିବା ପାଇପ ଗୁଡିକୁ ଖୁବ ଶୀଘ୍ର ମରାମତି କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଗ୍ରାମ ନିକଟ ଦେଇ ଯାଇଥିବା ବୈତରଣୀ ଓ କାଣି ନଦୀ ବନ୍ଧ ବୁଲି ଦେଖିବା ଶହ ବର୍ଷା ଦିନ ପୂର୍ବରୁ ଦୁର୍ବଳ ଥିବା ନଦୀବନ୍ଧ ସ୍ଥାନ ଗୁଡିକୁ ମରାମତି କାର୍ଯ୍ୟ ଶେଷ କରିବା ପାଇଁ ବିଭାଗୀୟ ମାନଙ୍କୁ ତାଗିଦ କରିଥିଲେ।

### ବାଇକ୍‌କୁ ଧକ୍କା ଦେଲା ଡିଜେ ଗାଡ଼ି

## ଗୋଟିଏ ପରିବାରର ୩ ଗୁରୁତର

**ଦଶରଥପୁର, ୯।୫(ସମିସ):** ଦଶରଥପୁର ଥାନା ଜୟନ୍ତରା ନିକଟରେ ଦ୍ରୁତ ଗତିରେ ଆସୁଥିବା ଏକ ଡିଜେ ଗାଡ଼ି ବାଇକ୍‌କୁ ଧକ୍କା ଦେବାରୁ ବାଇକ୍‌ରେ ଘରକୁ ଫେରୁଥିବା ଗୋଟିଏ ପରିବାରର ୩ଜଣଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିବା ଜଣାଯାଇଛି। ଗୁରୁତର ବାଇକ୍ ଚାଳକ ଦଶରଥପୁର ବ୍ଲକ ଅଧୀନ ଦୁଦୁରାଅନ୍ତା ପଞ୍ଚାୟତ ମାଝୀସାହିର ବଳରାମ ମାଝୀ, ତାଙ୍କ ଭଉଣୀ ଓ ଭାଣିଜୀ ବୋଲି ଜଣାପଡ଼ିଛି। ଦୁର୍ଘଟଣା ଘଟାଇଥିବା କ୍ରିସ ଡିଜେ ଗାଡି ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ଗାଡିଟି ଭଦ୍ରକ ଜିଲ୍ଲା ସୋଅଡା ଅଞ୍ଚଳର ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଆଜି ଅପରାହ୍ନ ପ୍ରାୟ ୪ଟା ସମୟରେ ଦୁଦୁରାଅନ୍ତା ପଞ୍ଚାୟତ ମାଝିସାହିର ବଳରାମ ମାଝୀ ବାଇକରେ ତାଙ୍କ ଭଉଣୀ ଏବଂ ଭାଣିଜୀଙ୍କ ସହ ଯାଜପୁର ଟାଉନରୁ ଜୟନ୍ତରା ଗ୍ରାମ ପାର୍ଶ୍ୱ ବୈତରଣୀ ନଦୀ ବନ୍ଧ ରାସ୍ତାରେ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଭଦ୍ରକ ଜିଲ୍ଲା ସୋଅଡ଼ା ଅଞ୍ଚଳର କ୍ରିସ ଡିଜେ ଗାଡି ବାଇକ୍‌କୁ ଜୋରରେ ଧକ୍କା ଦେଇଥିଲା। ଫଳରେ ବାଇକ ଚାଳକ ବଳରାମ ତାଙ୍କ ଭଉଣୀ ଓ ଭାଣିଜୀ ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ି ଛଟପଟ ହେଉଥିବା ବେଳେ ଦୁର୍ଘଟଣା ଘଟାଇଥିବା କ୍ରିସ ଡିଜେ ଗାଡି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ଗୁରୁତର ୩ଜଣଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବଳରାମ ଓ ତାଙ୍କ ଭଉଣୀଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ବଳରାମଙ୍କ ଭାଣିଜୀ ଜିଲ୍ଲା ମେଡ଼ିକାଲରେ ଚିକିତ୍ସାଧିନ ଥିବା ଜଣାଯାଇଛି। ଦଶରଥପୁର ଥାନାର ଏସ୍‌ଆଇ ଦୁଷ୍ମନ୍ତ ଦାସ ଘଟଣାସ୍ଥଳରେ ପହଞ୍ଚି ବାଇକ୍‌ଟିକୁ ଜବତ କରିବା ସହ ତଦନ୍ତ ଜାରି ରଖିଥିବା ଥାନାଧିକାରୀ ସୁବ୍ରତ ସାହୁ ପ୍ରକାଶ କରିଛନ୍ତି।

## ଦୁର୍ଘଟଣାରେ ଯୁବକ ମୃତ

**କବାଟବନ୍ଧ/ଦାନଗଦୀ, ୯।୫(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କବାଟବନ୍ଧ ଗ୍ରାମର ଜଣେ ଯୁବକଙ୍କ ସଡ଼କ ଦୁର୍ଘଟଣା ର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ଯୁବକ ଜଣକ କବାଟବନ୍ଧ ଗ୍ରାମର ହୋଇଥିବା ବେଳେ ତାଙ୍କର ଦାନଗଦି ବ୍ଲକ ଅନ୍ତର୍ଗତ ଯଖପୁରା ଥାନା ଅଞ୍ଚଳରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ ଯୁବକ ଜଣଙ୍କ ଧ୍ରୁବାନନ୍ଦ ଧଳଙ୍କ ପୁଅ ହିମାଂଶୁ ଧଳ ଓରଫ ସିଡୁ (୨୬) ବୋଲି ସୂଚନା ମିଳିଛି। ମିଳିଥିବା ଖବର ଅନୁସାରେ ସିଡୁଙ୍କ ଦାଦା ପୁଅ ଯାଜପୁର ରୋଡ଼ରେ ରହି ପାଠ ପଢ଼ନ୍ତି। ହଷ୍ଟେଲ ଛୁଟି ପରେ ତାଙ୍କୁ ଘରକୁ ଆଣିବା ପାଇଁ ସିପୁ ଶନିବାର ସକାଳ ସମୟରେ ନିଜ ମୋଟର ସାଇକଲ ନେଇ ଯାଜପୁର ରୋଡ଼ ଯାଇଥିଲେ। ଯିବା ସମୟରେ ସକାଳ ପ୍ରାୟ ୯ଟା ସମୟରେ ବିଜୁ ପଟ୍ଟନାୟକ ମାର୍ଗର ଜଟିଆ ଷ୍ଟିଲ ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦାନଗଦି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସିପୁଙ୍କ ମୃତଦେହ ଘରେ ପହଞ୍ଚିବା ପରେ ଗ୍ରାମରେ ଏକ ଶୋକକୁଳ ପରିବେଶ ସୃଷ୍ଟି ହୋଇଥିଲା। ବ୍ରାହ୍ମଣୀ ନଦୀ କୂଳରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ରାଜପଥ କଡ଼ରୁ ଅଚିହ୍ନା ମୃତଦେହ ଉଦ୍ଧାର

**ପାଣିକୋଇଲି, ୯।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟରାଜପଥର ମଣିପୁର ଗ୍ରାମ ନିକଟରୁ ଏକ ଅଚିହ୍ନା ମୃତଦେହ ଉଦ୍ଧାର କରାଯାଇଛି। ରାଜପଥ ପାର୍ଶ୍ୱ ପଡ଼ିଆରେ ଦିନ ୧୨ଟା ବେଳୁ କେହି ଜଣେ ବ୍ୟକ୍ତି ଶୋଇଥିବାର କିଛି ଲୋକ ଦେଖିଥିଲେ। ହେଲେ ସନ୍ଧ୍ୟା ପର୍ଯ୍ୟନ୍ତ ସେ ନ ଉଠିବାରୁ ପୁଲିସକୁ ଖବର ଦେଇଥିଲେ। ଥାନା ସବଇନ୍ସପେକ୍ଟର ସୁଶ୍ରୀ ମିନତୀ ବେହେରା ସଦଳବଳେ ଘଟଣାସ୍ଥଳେ ପହଞ୍ଚି ଉକ୍ତ ବ୍ୟକ୍ତିକୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ। ତାଙ୍କ ବୟସ ୫୦ରୁ ୫୫ ପାଖାପାଖି ହେବ। ସେ ଗୋଟିଏ ହଳଦିଆ ଟି-ସାର୍ଟ ସହ ବ୍ଲୁ ରଙ୍ଗର ଛିଟ ହ୍ୟାପ ପ୍ୟାଣ୍ଟ ଓ ଗୋଟିଏ ଚେକ୍ ଗାମୁଛା ବେକରେ ପକାଇବା ସହ ପାଖରେ ଜୋତା ଥୁଆ ହୋଇଥିବା ଦେଖାଯାଇଥିଲା। ତାଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତ ମଧ୍ୟ ରହିଛି। ହେଲେ ହତ୍ୟା କି ଆତ୍ମହତ୍ୟା ଅବା ସନ୍‌ଷ୍ଟ୍ରୋକ ତାର କାରଣ ସ୍ପଷ୍ଟ ହୋଇପାରିନି। ପାଖାପାଖି ଅଞ୍ଚଳର ସେ ବ୍ୟକ୍ତି ମଧ୍ୟ ନୁହନ୍ତି। ଯାହା ଫଳରେ ଚିହ୍ନଟ ହୋଇପାରିନି। ଯଦି କେହି ଉକ୍ତ ବ୍ୟକ୍ତିଙ୍କୁ ଚିହ୍ନିଥାନ୍ତି ତାହେଲେ ପାଣିକୋଇଲି ଥାନାକୁ ଜଣାଇବାକୁ ପୁଲିସ ସୂତ୍ରରୁ ପ୍ରକାଶ।

## ହୃଦ୍‌ଘାତରେ ବ୍ୟବସାୟୀଙ୍କ ପରଲୋକ

**ପାଣିକୋଇଲି, ୯।୫(ସମିସ):** ପାଣିକୋଇଲି ବଜାରର ଜଣେ ଯୁବ ବ୍ୟବସାୟୀଙ୍କ ଶୁକ୍ରବାର ବିଳମ୍ବିତ ରାତ୍ରିରେ ହୃଦ୍‌ଘାତରେ ପରଲୋକ ଘଟିଛି। ପ୍ରକାଶଯେ ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ପାଣିକୋଇଲି ଗ୍ରାମର ବ୍ରଜ କିଶୋର ଦଳାଇଙ୍କ ପୁଅ ଆନନ୍ଦ ଦଳାଇ (୪୦) ଗଣେଶ ବଜାରରେ ପାନ ଦୋକାନ କରିଛନ୍ତି। ଆନନ୍ଦ ଗତକାଲି ପ୍ରାୟ ରାତ୍ରି ୧୧ଟା ସମୟରେ ଦୋକାନ ବନ୍ଦ କରି ଘରେ ଖାଇ ପିଇ ଘରେ ଶୋଇଥିଲେ। କିନ୍ତୁ ରାତ୍ରି ୧୨ଟା ସମୟରେ ତାଙ୍କର ଛାତିରେ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ହେବା ପରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶୋକାକୂଳ ପରିବେଶରେ ସତ୍କାର କରାଯାଇଥିଲା। ସେ ପାଣିକୋଇଲି ମେଳଣ କମିଟି, ଗଣେଶ ପୂଜା କମିଟି ଓ ଗ୍ରାମର ସରସ୍ୱତୀ ପୂଜା କମିଟିର ଜଣେ ସକ୍ରିୟ ସଦସ୍ୟ ଥିଲେ। ତାଙ୍କର ପରଲୋକ ଖବର ପାଇ ଗଣେଶ ବଜାର ବନ୍ଦ କରାଯାଇଥିଲା। ସାନ ଭାଇ ସନ୍ଦୀପ ମୁଖାଗ୍ନି ଦେଇଥିଲେ।

Admission Open !
PRINCE
COLLEGE & SCHOOL
The No.1 Residential Institutions in North Odisha
କ୍ରମାଗତ ଭାବେ +୨ ବିଜ୍ଞାନ ରେ ଜିଲ୍ଲାରେ ପ୍ରଥମ ଏବଂ ରାଜ୍ୟରେ ଶ୍ରେଷ୍ଠ ୫ ମଧ୍ୟରେ
+2 SCIENCE | +2 ARTS | NEET/JEE | VI TO X
2023 568 RUDRA NARAYAN BHOI STATE RANK - 2
2024 572 ABHISHEK DHADA STATE RANK - 2
2025 574 SAGRAM MARNDI STATE RANK - 1
ପାଠ ପଢ଼ାରେ ରେଜଲ୍ଟ ରେ.. No.1
OUR 2025 BOARD RESULT
90% Above - 33
500 Above - 86
80% Above - 130+
1st Class - 100%
OUR 2025 ENTRANCE RESULT
BARIPADA 8895102045, 9937701648, 7978176350
BALASORE 8763403768, 9337687655, 9937701648

# ଆସୁଛି ବର୍ଷା ଋତୁ; ମୁକୁଳା ପଡ଼ିଛି ବୈତରଣୀ ଓ କୋଚିଲା ନଦୀ ବନ୍ଧ

ଅସୁରାଳି, ୯।୫(ସମିସ)



ଆଉ ମାତ୍ର ମାସକ ପରେ ଆରମ୍ଭ ହେବ ବର୍ଷା ଋତୁ। କିନ୍ତୁ ଏବେ ବି ଧାମନଗର ବ୍ଲକର ବିଭିନ୍ନ ଅଞ୍ଚଳରେ ନଦୀ ବନ୍ଧ ସୁରକ୍ଷିତ ନ ଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି ହସନାବାଦ ପଞ୍ଚାୟତ ଦେଇ ପ୍ରବାହିତ ବୈତରଣୀ ଓ କୋଚିଲା ନଦୀର ମୁକୁଳା ବନ୍ଧ ଯୋଗୁଁ ଚଳିତ ବର୍ଷ ପୁଣି ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ତୁରନ୍ତ ଘେରି ବନ୍ଧ ନିର୍ମାଣ ପାଇଁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି। ସମସ୍ୟାର ମୂଳ କାରଣ ଭାବେ ଗାନ୍ଧୀଘାଟ ନିକଟରେ ବୈତରଣୀ ନଦୀର ପ୍ରାୟ ୩ କି.ମି. ଅଞ୍ଚଳ ସମ୍ପୂର୍ଣ୍ଣ ମୁକୁଳା ପଡ଼ିଛି। କୌଣସି ସ୍ଥାୟୀ ବନ୍ଧ କିମ୍ବା ଆନିକଟ ନ ଥିବାରୁ ବନ୍ୟା ଜଳ ସହଜରେ ହସନାବାଦ ପଞ୍ଚାୟତ ମଧ୍ୟକୁ ପ୍ରବେଶ କରୁଛି। ବନ୍ୟା ଜଳ ପ୍ରବେଶ କରିବା ଫଳରେ ହସନାବାଦ ପଞ୍ଚାୟତର ତଳ ଅସ୍ତକ, ଉପର ଅସ୍ତକ, ଗୋପବନ୍ଧୁ ନଗର, ବନବାଗ, ମଠସାହି ସମେତ ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା, ତରେକସାହି ଓ ମମଦୁଲ୍ଲା ଆଦି ଗ୍ରାମ ପ୍ରତିବର୍ଷ ଜଳମଗ୍ନ ହେଉଛି।

ହସନାବାଦ ଏକ କୃଷି ପ୍ରଧାନ ଅଞ୍ଚଳ। ଖରିଫ ଫସଲ ସହ ପନିପରିବା ଓ ମୁଗ ଚାଷ ଉପରେ ଏଠାକାର ଲୋକେ ନିର୍ଭର କରନ୍ତି। ବନ୍ୟା ଯୋଗୁଁ ଚାଷ ଜମିରେ ବାଲି ଚରିଯିବା ସହ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି। ଗତ ବର୍ଷ ବୈତରଣୀରେ ୨ଟି ବଡ଼ ବନ୍ୟା ଓ ୩-୪ଟି ଛୋଟ ବନ୍ୟା ଆସି ଅଞ୍ଚଳର ବ୍ୟାପକ କ୍ଷତି କରିଥିଲା। ପ୍ରଶାସନ ପକ୍ଷରୁ ସ୍ଥାୟୀ ପ୍ରତିକାର ପାଇଁ କେବଳ ପ୍ରତିଶ୍ରୁତି ମିଳୁଥିଲେ ହେଁ କ୍ଷେତ୍ରସ୍ତରରେ କୌଣସି କାର୍ଯ୍ୟ ହେଉନାହିଁ। ଏହି ସମସ୍ୟାର ସମାଧାନ ପାଇଁ ଧୂଷୁରୀ ଜୋନ୍ ଜିଲ୍ଲା

## ତୁରନ୍ତ ଘେରି ବନ୍ଧ ନିର୍ମାଣ ପାଇଁ ଦାବି

ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, କମ୍ୟୁନିଷ୍ଟ ନେତା ଚନ୍ଦ୍ରଶେଖର ନାୟକ, ହସନାବାଦ ସରପଞ୍ଚ ଅଜୟ ମଲ୍ଲିକଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଏକତ୍ରିତ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଯଦି ବର୍ଷା ଦିନ ପୂର୍ବରୁ ଘେରି ବନ୍ଧ କାର୍ଯ୍ୟ ଆରମ୍ଭ ନ ହୁଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ବଡ଼ ଧରଣର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ସୋରରେ ନୂତନ ଆଇଟି ସେଣ୍ଟର ଖୋଲିବ ପର୍ଫର୍ମାଲିଟିକ୍ କର୍ପୋରେସନ

ସୋର, ୯।୫ (ସମିସ): ଓଡ଼ିଶାର ଆଇଟି ଏବଂ ସଫ୍ଟୱେର ଶିଳ୍ପରେ ଏକ ନୂତନ ଅଧ୍ୟାୟର ଆରମ୍ଭ କରିଛି ପର୍ଫର୍ମାଲିଟିକ୍ କର୍ପୋରେସନ। ଚିକାଗୋ, ଆମେରିକା ଏବଂ ପଟିଆ, ଭୁବନେଶ୍ୱରରେ ମୁଖ୍ୟାଳୟ ଥିବା ଏହି କମ୍ପାନୀ ବାଲେଶ୍ୱର ଜିଲ୍ଲାର ସୋରରେ ନୂତନ ସଫ୍ଟୱେର ଡେଭଲପମେଣ୍ଟ ସେଣ୍ଟର ଉଦଘାଟନ କରିଛି। ପୌର ପାଳିକା ଅନ୍ତର୍ଗତ କଲେଜ ଛକରେ ଥିବା ଓମ ସାଇ ମଣ୍ଡପରେ ଏହାର ଉଦଘାଟନ ଆଭାସୀ ମାଧ୍ୟମରେ ଏସଡିପିଆଇର ଓଡ଼ିଶା ମୁଖ୍ୟ ମାନସ ପଣ୍ଡା କରିବା ସଙ୍ଗେ ସଙ୍ଗେ ନିଜର ବକ୍ତବ୍ୟ ରଖିଥିଲେ। ଏହା ଦ୍ୱାରା ଭୁବନେଶ୍ୱର ବାହାରେ ଆଇଟି ଶିଳ୍ପକୁ ବିସ୍ତାର କରିବାର ଏକ ପ୍ରଥମ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ବୋଲି କମ୍ପାନୀର ପ୍ରତିଷ୍ଠାତା ଇ. ନିହାର ରଞ୍ଜନ ରାଉତ ମତବ୍ୟକ୍ତ କରିଛନ୍ତି। ଏସଟିପିଆଇର ବାଲେଶ୍ୱର ମୁଖ୍ୟ ବିଶ୍ୱକିଶୋର ଦେ ଯୋଗ ଦେଇ




ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ ଏବଂ ଆଗକୁ ଆହୁରି ଅନେକ ସଫ୍ଟୱୟାର କମ୍ପାନୀ ବାଲେଶ୍ୱରକୁ ଆସିବ ଏବଂ ବାଲେଶ୍ୱର ଆଇଟି ହବ ହେବ ବୋଲି ମତବ୍ୟକ୍ତ କରିଥିଲେ।

# ନବବିବାହିତଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଔପଦା, ୯।୫(ସମିସ): ସ୍ତ୍ରୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ ଓ ପୁଲିସର ଖୋଜାଖୋଜି ଭୟରେ ଜଣେ ନବବିବାହିତ ଯୁବକ ଆତ୍ମହତ୍ୟା କରିଥିବା ଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଖଇରା ଥାନା ଅନ୍ତର୍ଗତ ସାର୍କୋଣା ପଞ୍ଚାୟତ ଭଦଳି ଗ୍ରାମର ହେମନ୍ତ କୁମାର ବାରିକ (୨୮) ଆଜି ଔପଦା ଥାନା ଅନ୍ତର୍ଗତ ଶୁଳଭଉଣୀ ଜଳ ଅମଳ ପ୍ରକଳ୍ପ ନିକଟରେ ଏକ ଗଛରେ ରଶି ଲଗାଇ ଆହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ, ହେମନ୍ତ ନିକଟରେ ବିବାହ କରିଥିଲେ ମଧ୍ୟ ଗତ କିଛି ଦିନ ହେବ ସ୍ତ୍ରୀଙ୍କ କାର୍ଯ୍ୟକଳାପକୁ ନେଇ ସେ ଅଶାନ୍ତିରେ ରହୁଥିଲେ। ଏହି ପାରିବାରିକ ଅଶାନ୍ତି ଶେଷରେ ଥାନା ପର୍ଯ୍ୟନ୍ତ ପହଞ୍ଚିଥିଲା। ହେମନ୍ତଙ୍କ ସ୍ତ୍ରୀ ତାଙ୍କ ବିରୋଧରେ ଖଇରା ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ପୁଲିସ ହେମନ୍ତଙ୍କୁ ଖୋଜାଖୋଜି କରୁଥିବା ବେଳେ ଗିରଫ ହେବା ଭୟରେ ସେ ପ୍ରବଳ ମାନସିକ ଚାପରେ ଥିଲେ। ଆଜି ସ୍ଥାନୀୟ ଲୋକେ ଶୁଳଭଉଣୀ ପ୍ରକଳ୍ପ ନିକଟସ୍ଥ ଏକ ଗଛରେ ତାଙ୍କର ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ଔପଦା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏହି ଆତ୍ମହତ୍ୟା ପଛର ପ୍ରକୃତ କାରଣ କ'ଣ ଏବଂ ପାରିବାରିକ ବିବାଦର ସ୍ୱରୂପ କ'ଣ ଥିଲା, ସେ ନେଇ ଅଧିକ ତଦନ୍ତ ଜାରି ରଖିଛି।

# ରଘୁନାଥ କଲ୍‌ଚରାଲ୍ କ୍ଲବ୍‌ର ଷଷ୍ଠ ବାର୍ଷିକ ଉତ୍ସବ

ଚନ୍ଦନେଶ୍ୱର, ୯।୫ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ କାନ୍ଥଭଉଁରୀ ପଞ୍ଚାୟତର ରଣସିଂହପୁରସ୍ଥିତ ରଘୁନାଥ କଲଚୁରାଲ କ୍ଲବର ଷଷ୍ଠ ବାର୍ଷିକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା ଅବସରରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ପରିବେଶ ଓ ଉତ୍ସାହମୟ ପରିବେଶ ମଧ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି, ସମାଜସେବୀ, କଳାକାର ଓ ସାଧାରଣ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ବିଶିଷ୍ଟ ସମାଜସେବୀ ସୁଶାନ୍ତ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା କଳାକାର ସଂଘର ସମ୍ପାଦକ ପ୍ରଫୁଲ୍ଲ କୁମାର ଘୋଷ



ଯୋଗଦେଇ ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଯୁବ ସମାଜର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଆଇନଜିବୀ ଶମ୍ଭୁନାଥ ଭଞ୍ଜ ଯୋଗଦେଇ ସମାଜରେ ଐକ୍ୟ, ଭାତୃତ୍ୱ ଓ ସଂସ୍କୃତିର ସୁରକ୍ଷା ପାଇଁ କ୍ଲବ ମାନଙ୍କ ଅବଦାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଚିତ୍ରପୁର ପ୍ରକୃତି ନିବାସର ସଭାପତି ବଳରାମ ପାତ୍ର, ପୂର୍ବତନ ସରପଞ୍ଚ ଶମ୍ଭୁନାଥ ମାଝୀ, ସମାଜସେବୀ ସତ୍ୟ କୁମାର ସାମଲ, କ୍ଲବର ପ୍ରତିଷ୍ଠାତା ଭୁବନ ଚନ୍ଦ୍ର ପାତ୍ର, ସାମ୍ବାଦିକ ବନମାଳୀ ବେହେରା ଓ ସମାଜସେବୀ ଘନଶ୍ୟାମ ନାୟକ ପ୍ରମୁଖ ଯୋଗଦେଇ କ୍ଲବର ସାମାଜିକ କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ। ଏଥିରେ କ୍ଲବର ଉପସଭାପତି ଅନିରୁଦ୍ଧ ମହାନ୍ତି, ସମ୍ପାଦକ ଗୌରାଙ୍ଗ ଚନ୍ଦ୍ର ଗିରି, ସହ ସମ୍ପାଦକ ସନ୍ଦୀପ ମହାକୁଡ଼, କାର୍ଯ୍ୟକାରୀ ସଭାପତି ସଂଗ୍ରାମ ଦାସ, ସହ କାର୍ଯ୍ୟକାରୀ ସଭାପତି ବଳଭଦ୍ର ଜେନା, ସାଂସ୍କୃତିକ ସମ୍ପାଦକ ବିଷ୍ଣୁପଦ ପଟ୍ଟନାୟକ, ସହ ସାଂସ୍କୃତିକ ସମ୍ପାଦକ ସୁଶାନ୍ତ ସାମଲ, ଆଶିଷ ଦାସ, କୋଷାଧ୍ୟକ୍ଷ ସରୋଜ ମହାନ୍ତି, ସହ କୋଷାଧ୍ୟକ୍ଷ ତରୁଣ କୁମାର ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# କମ୍ୟୁନିଟି ଆଭିମୁଖ୍ୟ କାର୍ଯ୍ୟକ୍ରମ ଶିବିରର ଶୁଭାରମ୍ଭ



ଜଳେଶ୍ୱର, ୯।୫ (ସମିସ): ସରକାରଙ୍କ ନୂଆ ଶିକ୍ଷାନୀତି ଏନ.ଇ.ପି ୨୦୨୦ ଆଧାରରେ ଜଳେଶ୍ୱର ଦୀନକୃଷ୍ଣ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ୟୁ.ଜି ୪ର୍ଥ ସେମିଷ୍ଟାର ଛାତ୍ରଛାତ୍ରୀ ମାନଙ୍କ କମୁନିଟି ଆଭିମୁଖ୍ୟ କାର୍ଯ୍ୟକ୍ରମ ଶିବିର ଓଡ଼ିଶା ଅକ୍ଷମ କଲ୍ୟାଣ ସମାଜ ଦ୍ୱାରା ପରିଚାଳିତ ଜଳେଶ୍ୱର ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ୩୫ ଦିନ ବ୍ୟାପୀ ଚାଲିବାକୁ ଥିବା ବେଳେ କାର୍ଯ୍ୟକ୍ରମର ଶୁଭାରମ୍ଭରେ ଆୟୋଜିତ ଆଲୋଚନା ଚକ୍ରରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ କମଳ ଚକ୍ରବର୍ତ୍ତୀ, ସମରେଶ ଦିନ୍ଦା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଇଜାକ ପରିଡ଼ା, ଶିକ୍ଷୟିତ୍ରୀ ଧରିତ୍ରୀ ରାଣୀ ଦେ, ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ କୁମାର ରାଉଳ, ଅଧ୍ୟାପିକା ଇନ୍ଦିରା ପ୍ରୀୟଦର୍ଶିନୀ ଗିରି ପ୍ରମୁଖ ଉପସ୍ଥିତ ହୋଇ ଛାତ୍ରଛାତ୍ରୀମାନଙ୍କୁ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିବା ସହିତ ଶିକ୍ଷାନୀତିର ନୂତନ ନିୟମକୁ ସଠିକ ଭାବରେ ପାଳନ କରି ନିଜ ଭବିଷ୍ୟତକୁ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନ ଶିକ୍ଷକ ଭିନ୍ନକ୍ଷମ ପିଲାମାନଙ୍କର ଚାଲିଚଳନ, ଚିହ୍ନଟି କରଣ ଓ ଥଇଥାନ ବିଷୟରେ ଶିବିରାର୍ଥୀ ମାନଙ୍କୁ ସୂଚନା ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ସନ୍ୟାସୀ ପାତ୍ର କାର୍ଯ୍ୟସାରିଣୀ ବିଷୟରେ ଅବଗତ କରାଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ହିସାବ ରକ୍ଷକ ଅଜୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଧୂଷୁରୀ ଏରିଆ ହସ୍ପିଟାଲର ନୂତନ ଗୃହ ପାଇଁ ଶିଳାନ୍ୟାସ

ଧୂଷୁରୀ/ଅସୁରାଳି, ୯।୫(ସମିସ): ଧାମନଗର ବ୍ଲକ ଅଧୀନସ୍ଥ ଧୂଷୁରୀଠାରେ ଏରିଆ ହସ୍ପିଟାଲର ନୂତନ ଗୃହ ନିର୍ମାଣ ପାଇଁ ଶନିବାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଯାଇଛି। ଏହି ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ହସ୍ତରେ ସମ୍ପନ୍ନ ହୋଇଥିଲା। ପ୍ରଥମେ ମନ୍ତ୍ରୀ



ଆସି ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଏନ୍‌ଏସି କାର୍ଯ୍ୟାଳୟରେ ସଫେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ସାଂସଦଙ୍କ ପ୍ରତିନିଧି ମନୋଜ ମଲ୍ଲିକ, ସ୍ଥାନୀୟ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଜିଲ୍ଲା ବିଜେପି ଉପସଭାପତି ଚତୁର୍ଭୁଜ ନାୟକ, ରାମଚନ୍ଦ୍ର ମିଶ୍ରଙ୍କ ସହ ବହୁ ସଂଖ୍ୟକ ଜନପ୍ରତିନିଧି, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଅଧୀନରେ ପ୍ରାୟ ୨କୋଟି ୯୨ ଲକ୍ଷ ଟଙ୍କା ବ୍ୟୟରେ ଏହି ନୂତନ ଗୃହ ନିର୍ମାଣ କାର୍ଯ୍ୟ କରାଯିବ। ଏଥିରେ ଆଧୁନିକ ଚିକିତ୍ସା ସୁବିଧା, ରୋଗୀଙ୍କ ପାଇଁ ସୁବିଧାଜନକ ୱାର୍ଡ ଓ ଉନ୍ନତ ଚିକିତ୍ସା ଉପକରଣ ବ୍ୟବସ୍ଥା ରହିବ ବୋଲି ସୂଚନା ମିଳିଛି। ୧.୬ ଏକର ଜାଗାରେ ଏହି ହସ୍ପିଟାଲ ନିର୍ମାଣ ହେବ ବୋଲି ମନ୍ତ୍ରୀ ସୂରଜ ସୂଚନା ଦେବା ସହ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାକୁ ଆହୁରି ମଜଭୁତ କରିବା ସରକାରଙ୍କ ପ୍ରାଥମିକତା ବୋଲି କହିଥିଲେ।

# ଟ୍ରାନ୍ସଫର୍ମରକୁ ପିଟି ଓଲଟିଲା କାର୍

ନୀଳଗିରି, ୯।୫ (ସମିସ): ବାଲେଶ୍ୱର ଅଞ୍ଚଳର ଜନୈକ ଦମ୍ପତି ନୀଳଗିରି ଅଞ୍ଚଳରେ ଥିବା ବନ୍ଧୁ ଘରକୁ ଏକ କାର ଯୋଗେ ଆସୁଥିବା ବେଳେ ମିତ୍ରପୁର-ନୀଳଗିରି ରାସ୍ତା ପଣ୍ଡା ଅଫିସ ଛକ ନିକଟରେ ଭାରସାମ୍ୟ ହରାଇ ସଡ଼କ ପାର୍ଶ୍ୱରେ ଥିବା ଏକ ଟ୍ରାନ୍ସଫର୍ମରକୁ



ଧକ୍କା ଦେଇ ରାସ୍ତା ପାର୍ଶ୍ୱ କୁ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକ ଦମ୍ପତିଙ୍କୁ କାର୍ ଭିତରୁ ଉଦ୍ଧାର କରିଥିବା ବେଳେ ସେମାନେ ଏକ ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

# 'ନାୟିକା ବାଲେଶ୍ୱର'ର ପ୍ରଯୋଜନା ଭିତ୍ତିକ ନାଟ୍ୟ କର୍ମଶାଳା ଆରମ୍ଭ

ବାଲେଶ୍ୱର, ୯।୫ (ସମିସ): 'ନାୟିକା ବାଲେଶ୍ୱର' ଦ୍ୱାରା ସ୍ଥାନୀୟ ମାକଲପୁରସ୍ଥିତ ସ୍ରଷ୍ଟା ନାଟ୍ୟାଳୟ ଠାରେ ନାୟିକା ବାଲେଶ୍ୱରର ପ୍ରଯୋଜନା ଭିତ୍ତିକ ନାଟ୍ୟ କର୍ମଶାଳା ଆରମ୍ଭ ହୋଇଛି। ଆଜି ସନ୍ଧ୍ୟାରେ ସଙ୍ଗୀତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ନବୀନ କୁମାର



ପରିଡ଼ା ପ୍ରଶିକ୍ଷକ ଭାବେ ଯୋଗ ଦେଇଛନ୍ତି। ତାଙ୍କୁ ସହଯୋଗ କରିବେ ନାୟିକା ବାଲେଶ୍ୱରର ନିର୍ଦ୍ଦେଶିକା ସୁସ୍ମିତା ରଣା ପଟ୍ଟନାୟକ। ଏହି କର୍ମଶାଳାରେ ସର୍ବମୋଟ ୨୦ ଜଣ କଳାକାର ଯୋଗ ଦେଇଛନ୍ତି। ଯେଉଁମାନେ କର୍ମଶାଳା ଶେଷରେ ଆସନ୍ତା ୩ ଜୁନ୍ ୨୦୨୬ ରେ ଗାନ୍ଧୀ ସ୍ମୃତି ଭବନ ରେ ହେବାକୁ ଥିବା ୯ମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ର ଉଦଘାଟନୀ ସନ୍ଧ୍ୟା ରେ ନାଟକ 'ଆବର୍ତ୍ତନ' ମଞ୍ଚସ୍ଥ କରିବେ, ଯାହାକୁ ରଚନା କରିଛନ୍ତି ନବୀନ ପରିଡ଼ା ଓ ନିର୍ଦ୍ଦେଶନା ଦେବେ ସୁସ୍ମିତା ରଣା ପଟ୍ଟନାୟକ।

# ଉଜ୍ଜ୍ୱଳା ଗ୍ୟାସ୍ ହିତାଧିକାରୀ ହନ୍ତସନ୍ତ

ବନ୍ତ/ଆଗରପଡ଼ା, ୯।୫(ସମିସ): ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଉଜ୍ଜ୍ୱଳା ଗ୍ୟାସ୍ ସିଲିଣ୍ଡର ନ ପାଇ ହିତାଧିକାରୀମାନେ ଗତ କିଛିଦିନ ହେଲା ହନ୍ତସନ୍ତ ହେଉଥିବାର ଜଣାପଡ଼ିଛି। ପୂର୍ବରୁ ଏହି ଯୋଜନା ଲାଗୁ ହେବା ବେଳକୁ ଆଗରପଡ଼ାରେ ଏହି ଗ୍ୟାସ୍ ବିତରଣ କେନ୍ଦ୍ର ନ ଥିବାରୁ ଲୋକେ ଭଦ୍ରକ, ଭଣ୍ଡାରିପୋଖରୀ, ଖଇରା ଆଦି ବିତରଣ କେନ୍ଦ୍ରରେ ହିତାଧିକାରୀମାନେ ନାମ ପଞ୍ଜୀକରଣ କରିଥିଲେ। ଉକ୍ତ କେନ୍ଦ୍ରରୁ ସିଲିଣ୍ଡର ଆଣି ସ୍ଥାନୀୟ ଅଞ୍ଚଳର ଅଣିଜୋ, କାଦବରାଙ୍ଗ ସମେତ ଆଗରପଡ଼ାର କିଛି ବ୍ୟକ୍ତି ଏହି ହିତାଧିକାରୀମାନଙ୍କୁ ଯୋଗାଉଥିଲେ। ଯଦ୍ୱାରା ବ୍ୟବହାରକାରୀମାନେ ସୁବିଧାରେ ଗ୍ୟାସ୍ ସିଲିଣ୍ଡର ପାଇପାରୁଥିଲେ। ମାତ୍ର କିଛିଦିନ



ହେଲା ବିତରଣ କେନ୍ଦ୍ରଗୁଡ଼ିକ ଏହି ବ୍ୟକ୍ତିମାନଙ୍କୁ ଆଉ ସିଲିଣ୍ଡର ନ ଦେଇ ହିତାଧିକାରୀମାନେ ନିଜେ କେନ୍ଦ୍ରକୁ ଆସି ନେବା ପାଇଁ କହୁଛନ୍ତି। ସାଧାରଣତଃ ଗରିବ ଶ୍ରେଣୀୟ ମହିଳାମାନେ ଏହି ଯୋଜନାର ହିତାଧିକାରୀ, ଅଧିକ ଖର୍ଚ୍ଚାନ୍ତ ହୋଇ ଦୂର ବିତରଣ କେନ୍ଦ୍ରକୁ ଯାଇ ସିଲିଣ୍ଡର ଆଣିବା ତାଙ୍କ ପକ୍ଷେ ସମ୍ଭବପର ହୋଇପାରୁନାହିଁ। ଯଦ୍ୱାରା ଗ୍ୟାସ୍ ଛାଡ଼ି ପୁଣି କାଠ ଚୁଲା ମୁହାଁ ହେବାରେ ଲାଗିଲେଣି। ତେଣୁ ଏହି ଯୋଜନା ଅଧିକ ଦିନ ତିଷ୍ଠି ରହିବାକୁ ନେଇ ସାଧାରଣରେ ଆଶଙ୍କା ଦେଖାଦେଇଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ରାଜନୀତି ବିଜ୍ଞାନରେ ଅଧ୍ୟାପିକାଙ୍କ ପିଏଚ୍‌ଡି ଲାଭ



ଭଦ୍ରକ, ୯।୫(ସମିସ): କଟକ ନେତାଜୀ ସୁଭାଷ ସ୍ମାରକୀ ମହାବିଦ୍ୟାଳୟରେ କାର୍ଯ୍ୟରତ ଅନନ୍ୟା ଅସ୍ମିତା ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ପିଏଚ୍‌ଡି ହାସଲ କରିଛନ୍ତି। ତାଙ୍କର ଗବେଷଣାତ୍ମକ ସନ୍ଦର୍ଭ 'Environment and Civil Society Movements: With Special Reference to Odisha', ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ପ୍ରଫେସର ଡ. ସଞ୍ଜୀବ କୁମାରଙ୍କ ତତ୍ତ୍ୱାବଧାନରେ ସଂଗଠିତ ହୋଇଥିଲା। ଯାହା ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଅମିତ୍ ସିଂହ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ସୋନାଲି ସିଂହ ଏବଂ ହରିୟାଣା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ରାଜୀବ କୁମାର ସିଂହଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ସେ ପୂର୍ବରୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଏମ୍.ଫିଲ୍ ଉପାଧି ଅର୍ଜନ କରିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକ ଓ ହାଇଦରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ, ପରେ ସେ ସିଙ୍ଗାପୁରସ୍ଥିତ ଜେମ୍ସ କୁକ୍ (Jamescook) ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ ଡିଗ୍ରୀ ମଧ୍ୟ ଅର୍ଜନ କରିଛନ୍ତି।

ପୂର୍ବରୁ ଭଦ୍ରକ ମହିଳା ମହାବିଦ୍ୟାଳୟରେ ସେ ଏନ୍‌ସିସି ଅଫିସର ଭାବେ ସୁଚାରୁ ରୂପେ କାର୍ଯ୍ୟ କରିଥିବାବେଳେ ଏବେ କଟକସ୍ଥ ଏନ୍‌ଏସ୍‌ଏମ୍ ସିଟି କଲେଜରେ ଏନ୍‌ଏସ୍‌ଏସ୍ ଅଫିସର୍ ଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିଛନ୍ତି। ତାଙ୍କର ପିଏଚ୍‌ଡି ସଫଳତା ପାଇଁ ଏନ୍‌ଏସ୍‌ଏମ୍ ସିଟି ମହାବିଦ୍ୟାଳୟର ଅଧ୍ୟକ୍ଷା, ଶିକ୍ଷକ-ଶିକ୍ଷୟିତ୍ରୀ ମଣ୍ଡଳୀ, ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ ଶୁଭେଚ୍ଛୁମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅନନ୍ୟା ଅସ୍ମିତା କଟକ ସିଡିଏସ୍ଥିତ ପ୍ରଫେସର ଡ. ନିରଞ୍ଜନ ବାରିକ ଏବଂ ଶିକ୍ଷୟିତ୍ରୀ କିରଣମୟୀ ମହାପାତ୍ରଙ୍କ କନିଷ୍ଠା କନ୍ୟା ଅଟନ୍ତି। ସେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିପ୍ଳବ କିଶୋର ଦାସଙ୍କ ଧର୍ମପତ୍ନୀ ଏବଂ ଭଦ୍ରକସ୍ଥିତ ଚାରୁ ଚନ୍ଦ୍ର ଦାସ ଓ ଉର୍ମିଳା ଦାସଙ୍କ ପୁତ୍ରବଧୂ ଅଟନ୍ତି। ଏହି ସଫଳତା ପାଇଁ ଡ. ଅନନ୍ୟା ତାଙ୍କ ପରିବାରବର୍ଗ, ବନ୍ଧୁବାନ୍ଧବ, ଶୁଭେଚ୍ଛୁ ଏବଂ ସର୍ବୋପରି ଭଗବାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଭଦ୍ରକରେ ଜିଲ୍ଲା କଂଗ୍ରେସର ମଶାଲ ଶୋଭାଯାତ୍ରା

# ବିଜେପି ମହିଳା ବିରୋଧୀ: କଂଗ୍ରେସ

ଭଦ୍ରକ, ୯।୫(ସମିସ)

ସଂସଦରେ ୨୦୨୩ ସେପ୍ଟେମ୍ବର ୨୦ ତାରିଖରେ ମହିଳା ସଂରକ୍ଷଣ ବିଲ୍ ପାରିତ ହୋଇ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଥିଲା। କିନ୍ତୁ ଦୀର୍ଘ ୩୦ ମାସ ବିତିଯାଇଥିଲେ ବି ଏବେର ବିଜେପି ସରକାର ଏହାକୁ ଆଇନରେ ପରିଣତ ନ କରି ଓଲଟା ନିଜ ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଅନ୍ୟ ଏକ ବିଲ୍ ସହ ଏହାକୁ ଯୋଡ଼ି ପୁନର୍ବାର ସଂସଦରେ ଉପସ୍ଥାପନ କରିବା ଯୁକ୍ତିଯୁକ୍ତ ନୁହେଁ। ଯାହାକୁ ସମସ୍ତ ବିରୋଧୀ ଦଳ ସଦସ୍ୟ ବିରୋଧ କରିଥିଲେ। ଫଳରେ ବିଲ୍ ପାରିତ ହୋଇପାରି ନ ଥିଲା। ଏପରି ବିଲ୍ ଆଣି ଦେଶବାସୀଙ୍କୁ ବିଜେପି ଭ୍ରମିତ କରୁଛି ବୋଲି ୩୩ ପ୍ରତିଶତ ମହିଳା ସଂରକ୍ଷଣ ଲାଗୁ କରିବା ଦାବିରେ ଅନୁଷ୍ଠିତ ମଶାଲ ଶୋଭାଯାତ୍ରାରେ ବରିଷ୍ଠ କଂଗ୍ରେସ ନେତୃତ୍ୱ ଅଭିଯୋଗ କରିଛନ୍ତି। ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନରେ ଭଦ୍ରକ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ମହିଳା କଂଗ୍ରେସର ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଶର୍ମିଷ୍ଠା ପଣ୍ଡା। ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରୁ ଏକ ବିଶାଳ ଶୋଭାଯାତ୍ରା ଶ୍ରୀମତୀ ପଣ୍ଡାଙ୍କ ନେତୃତ୍ୱରେ ବାହାରି ସହର ପରିକ୍ରମା କରି ଅପର୍ତ୍ତିବିନ୍ଧା ଛକଠାରେ ପହଞ୍ଚିଥିଲା। ସେଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିବାବେଳେ




ପ୍ରଦେଶ କଂଗ୍ରେସ ମହିଳା ମିଡିଆ ସେଲ ଅଧ୍ୟକ୍ଷା ଜୟସ୍ମିତା ମହାନ୍ତି ପ୍ରଭାରୀ ଭାବେ ଯୋଗଦେଇ ବିଜେପି ସମଗ୍ର ଦେଶବାସୀଙ୍କୁ ଭ୍ରମିତ କରୁଛି ବୋଲି କହିଥିଲେ। ମହିଳା ସଶକ୍ତୀକରଣ ଓ ରାଜନୈତିକ ଭାଗିଦାରୀ ଉପରେ ସବୁବେଳେ କଂଗ୍ରେସ ଗୁରୁତ୍ୱ ଦେଇଆସିଛି ବୋଲି ଜୋର୍ ଦେଇ କହିବା ସହ ମହିଳାଙ୍କ ମର୍ଯ୍ୟାଦା ପ୍ରତି ସାମାନ୍ୟ ସମ୍ମାନ କିମ୍ବା ଦରଦ ନ ଥିବା ବିଜେପି ତୁଛାଟାରେ ନାଟକ କରୁଛି ବୋଲି ଶ୍ରୀମତୀ ମହାନ୍ତି କଟାକ୍ଷ କରିଥିଲେ। ଉକ୍ତ ସଭାରେ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି ଯୋଗଦେଇ ଯଦି ମହିଳା ବିଲ୍ ପ୍ରତି ବିଜେପି ସରକାରଙ୍କ ଏତେ ଦରଦ ଥିଲା, ତେବେ ଏହି ବିଲ୍ ସହ ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌କୁ ଯୋଡ଼ିବାର କ'ଣ ଆବଶ୍ୟକତା ଥିଲା ବୋଲି ସେ ପ୍ରଶ୍ନ କରିଥିଲେ। ସଂସଦରେ ୫୪୩ ଆସନ ମଧ୍ୟରୁ ୩୩ ପ୍ରତିଶତ ଅର୍ଥାତ୍ ୧୮୧ ମହିଳାଙ୍କୁ ପ୍ରତିନିଧିତ୍ୱ କରିବାରୁ କିଏ ବଞ୍ଚିତ କରିଛି ବୋଲି ପ୍ରଶ୍ନ କରିଥିଲେ। ତେଣୁ ଏହି ପ୍ରସଙ୍ଗରେ କଂଗ୍ରେସ ବିଜେପିର ମୁଖା ଖୋଲିବ ଓ ଏହି ବିଲ୍ ସମ୍ପର୍କରେ ବିଜେପିର ଆଭିମୁଖ୍ୟକୁ ସବୁବେଳେ ବିରୋଧ କରିବ ବୋଲି ଶ୍ରୀ ମହାନ୍ତି ଚେତାଇ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଅମିତାବାଳା ଆଚାର୍ଯ୍ୟ, ବରିଷ୍ଠ ନେତ୍ରୀ ସବିତା ଚାନ୍ଦ, ସ୍ୱସ୍ତିକା ପଣ୍ଡା, ପାରିଷଦ ରୁକ୍‌ସାନା ଖାତୁନ, ଜ୍ୟୋସ୍ନାରାଣୀ ଜେନା, ହସିନା ଖାତୁନ, ଧରିତ୍ରୀ ଜେନା, ପ୍ରକ୍ତନ ବିଧାୟକ ପଞ୍ଚାନନ ମଣ୍ଡଳ, ପୂର୍ବତନ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ଦେବେନ୍ଦ୍ର ମହାନ୍ତି, ପୀତବାସ ଧଳ, ଜିଲ୍ଲା ଉପସଭାପତି ପ୍ରଦ୍ୟୁମ୍ନ ଦାସ, ରଜନୀକାନ୍ତ ଚାନ୍ଦ, ଦେବବ୍ରତ ମହାନ୍ତି, ଅଭିଷେକ ରାଉତ, ଚାନ୍ଦବାଲି ବ୍ଲକ ସଭାପତି ଶୁଭାଶିଷ ମଲ୍ଲିକ, ଜିଲ୍ଲା କୋଷାଧ୍ୟକ୍ଷ ବିଜୟ ବାରିକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ବଳରାମ ବେହେରା, ରାଜକିଶୋର ପଣ୍ଡା, ରଞ୍ଜନ ଜେନା, ମନୋଜ ମଲ୍ଲିକ, ମହେଶ ମିଶ୍ର, ବିଦ୍ୟାଧର ଜେନା, ଆଲୋକ ସ୍ୱାଇଁ, ସେକ୍ ସାହିଲ୍ କାଦ୍ରୀ, ଏନାମୁଲ ହକ୍, ଇଲ୍ଲିୟାସ ଅଲ୍ଲୀ ଖାନ୍ ପ୍ରମୁଖ ଉପସ୍ଥିତ ରହି ବିଜେପି ସରକାରଙ୍କ ମହିଳା ସଂରକ୍ଷଣ ବିଲ୍‌ର ଆଭିମୁଖ୍ୟକୁ ନେଇ ତୀବ୍ର ବିରୋଧ କରିଥିଲେ।

